To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ବିଏସଏଫ କ୍ୟାମ୍ପରେ ଆତଙ୍କବାଦୀ-ଯବାନଙ୍କ ଗୁଳି ବିନିମୟରେ ଜଣେ ଆତଙ୍କୀ ନିହତ, ୩ ଯବାନ ଗୁରୁତର

R.N.I. No.-42041/83 Vol-15, Issue No.96, ଭଦ୍ରକ, ବୁଧବାର, ୪, ଅକ୍ଟୋବର ୨୦୧୭ ■ Bhadrak, Wednesday, 4 October 2017 Rs. 2.00 Pages-8

ମରୁଡ଼ି ନେଲା ଯୁବଚାଷୀଙ୍କ ଜୀବନ

କ୍ଷତିପୂରଣ ଦାବିରେ ରାସ୍ତାରୋକ

ନୂଆପଡା, ୩।୧୦ (ସକାଳ ଖବର) : ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଲର୍କା ଗ୍ରାମର ଜଣେ ଯୁବ ଚାଷୀ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଚାଷ କ୍ଷୟ କ୍ଷତି ସାଙ୍ଗକୁ ସ୍ୱଳ୍ପ ବୃଷ୍ଟିପାତ ସହ ଋଣ ବୋଝକୁ ସହ୍ୟ କରିନ ପାରି ଚାଷି ଆତ୍ମହତ୍ୟା କରିଥିବା ଜଣାପଡିଛି । ଲର୍କା ଗ୍ରାମର ଯଦୁମଣି ବାଗ (୨୮) ସୋମବାର ଦିନ ନିଜ ସ୍ତ୍ରୀ ସହିତ ଜମିକୁ ବୁଲି ଯାଇଥିଲେ । ସେଠାରେ ଫସଲ ମରି ପଡିଥିବା ବେଳେ ଫସଲ କ୍ଷତି ଦେଖି ନିଜ ମାନସିକ ସନ୍ତୁଳନ ହରାଇ ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଖଡିଆଳ ମିଶନ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ସକାଳେ ଯଦୁର ମୃତ୍ୟୁ ହୋଇଥିଲା । ଯଦୁମଣି ନିଜ ଧାର ଆଣିଥିବା ଋଣକୁ ପରିଶୋଧ କରିବା ଆଶା ନେଇ ଦାଦନ ଶ୍ରମିକ ରୂପେ ବମ୍ବେକୁ କାମ କରିବାକୁ ଯାଇଥିଲେ। ସେଠାରେ ଅଳ୍ପ ଉପାର୍ଜିତ ଅର୍ଥକୁ ନେଇ ସ୍ୱଗୃହ ପ୍ରତ୍ୟାବର୍ତନ କରିଥିଲା। ଜମିର ଫସଲ ଅମଳ ହେବା ପରେ ଧାନକୁ ବିକ୍ରୀ କରି ଋଣ ପରିଶୋଧ କରିବା ଆଶା ସମ୍ପୂର୍ଣ୍ଣ ମଉଳି ଯାଇଥିଲା। ନିଜ ଜମିର ଫସଲ ନଷ୍ଟ ହେବା ଦେଖି ସେ ଭାଙ୍ଗି ପଡିଥିଲେ। କିପରି ୧୦% ପ୍ରତିଶତ ସୁଧର ଋଣ ପରିଶୋଧ କରିବେ ସେହି ଚିନ୍ତା ତାଙ୍କୁ ଘାରିଥିଲା । କୌଣସି ଉପାୟ ନ ପାଇ ଶେଷରେ କିଟନାଶକ ପାନ କରି ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଦୁଲ ବାଗ, ବଡ ଭାଇ କୁରୁପତି ବାଗ ଓ ମଝିଆ ଭାଇ କୁବେର ବାଗ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଉଭୟ କଂଗ୍ରେସ ଏବଂ ବିଜେପି କର୍ମକର୍ତା ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ କରି ଖଡିଆଳ ମିଶନ ଛକରେ ଶବ ରଖି ଜାତୀୟ ରାଜପଥ ୩୫୩କୁ ଅବରୋଧ କରିଥିଲେ। ମୃତ ପରିବାରକୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା, ବିଜୁପକ୍କା ଘର, ରେଡ କ୍ରସ ପାଣ୍ଠିରୁ ୧୦ ହଜାର ପ୍ରଦାନ କରିବା ପାଇଁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଖଡିଆଳ ଅତିରିକ୍ତ ତହସିଲଦାର ସଦାନନ୍ଦ ନାୟକ ଘଟଣାସ୍ଥଳରେ ପହଂଚି ମୃତ ଚାଷି ପରିବାରଙ୍କୁ ରେଡକ୍ରସରୁ ୧୦ ହଜାର ଟଙ୍କା ଆର୍ଥିକ ସହଯୋଗ ସହିତ ଏକ ବିଜୁ ପକ୍କାଗୃହ, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଏବଂ ବିଧବା ଭତା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ରାସ୍ତାରୋକରେ ବିଜେପି ଜିଲା କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ତିୱାରୀ, ବିଜେପି ଜିଲା ଉପସଭାପତି ପୃଥିରାଜ ମହାନ୍ତି, ଅଜିତ କୁମାର ଚଳାନ, ଚିତରଞ୍ଜନ ମହାପାତ୍ର, ଗୌତମ ତାଣ୍ଡି, ପରମାନନ୍ଦ ଭୋଇ ଓ କଂଗ୍ରେସର କମଳ ଚରଣ ତାଣ୍ଡି, ହିରାଧର ମେହେର, ସତପାଲ ସିଂ ଛାବଡା, ହେମନ୍ତ କୁମାର **(ପୃଷ୍ଠା-୭)**

ଆଜି କୋର୍ଟ ଚାଲାଣ

ହନିପ୍ରୀତ ଗିରଫ

ଚଣ୍ଡିଗଡ଼, ୩।୧୦: ଡେରା ସଚା ସୌଦା ପ୍ରମୁଖ ରାମ ରହିମର ତଥାକଥିତ ଝିଅ ହନିପ୍ରୀତ ଇନ୍ସାଙ୍କୁ ଶେଷରେ ହରିୟାଣା ପୋଲିସ ଗିରଫ କରିଛି । ପଞ୍ଜାବର ଜିରକପୁର ପଟିଆଲା ରୋଡରେ ହନିପ୍ରୀତକୁ ମଙ୍ଗଳବାର ଅପରାହ୍ନ ୩ଟାରେ ଗିରଫ କରାଯାଇଛି । ମାତ୍ର ହନିପ୍ରୀତର ଗିରଫଦାରୀର ଶ୍ରେୟ ନେବାକୁ ନେଇ ପଞ୍ଜାବ ଓ ହରିୟାଣା ନିଜ ନିଜର ତଥ୍ୟ ରଖୁଛନ୍ତି । ପଞ୍ଜାବ ପୋଲିସ ହନିପ୍ରୀତକୁ ଗିରଫ କରିଥିବାର କହୁଥିବା ବେଳେ ହରିୟାଣା ପୋଲିସ କହିଛି ଯେ ପଞ୍ଜାବ ପୋଲିସ କେବଳ ଗିରଫରେ ସହଯୋଗ କରିଛି । ବୁଧବାର ହନିପ୍ରୀତକୁ କୋର୍ଟରେ ହାଜର କରାଯିବ ବୋଲି ପଞ୍ଚକୁଲା ପୋଲିସ କମିଶନର ଏଏସ ଚାୱାଲ ସୂଚନା ଦେଇଛନ୍ତି । କମିଶନରଙ୍କ ମୁତାବକ ହନିପ୍ରୀତକୁ ପଚରାଉଚୁରା ଆରମ୍ଭ ହୋଇଯାଇଛି । ହନିପ୍ରୀତ ସହ ଅନ୍ୟ ଏକ ମହିଳାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ମାତ୍ର ଏହି ମହିଳା କିଏ, ଏ ବିଷୟରେ ପୋଲିସ ପାଖରେ ବିଶେଷ ସୂଚନା ନାହିଁ । ଏହା ପୂର୍ବରୁ ମଙ୍ଗଳବାର ସକାଳେ ନ୍ୟୁଜ୍ ଚ୍ୟାନେଲରେ ହନିପ୍ରୀତକୁ ଦେଖିବା ପରେ ସେ ଆର୍ମସମର୍ପଣ କରିବାର କଥା କୁହାଯାଉଥିଲା । ମାତ୍ର ପୋଲିସ ଦାବି କରିଛି ଯେ ହନିପ୍ରୀତ ଆତ୍ମସମର୍ପଣ କରିନାହିଁ, ତାକୁ ଗିରଫ କରାଯାଇଛି । ୩୮ ଦିନ ଧରି ଫେରାର ରହିଥିବା ହନିପ୍ରୀତ ମଙ୍ଗଳବାର ଅଚନାକ ମିଡିଆ ଚ୍ୟାନେଲରେ ଇଣ୍ଟରଭ୍ୟୁ ଦେଉଥିବା ଦେଖାଯାଇଥିଲା । ମିଡିଆ ସହ କଥାବାର୍ତ୍ତା ସମୟରେ ସେ ନିଜକୁ ଏବଂ ଗୁରମିତ ରାମ ରହିମକୁ ନିର୍ଦ୍ଦୋଷ ଥିବା କହିଛି । ହନିପ୍ରୀତ କହିଛି ପାପା ଏବଂ ତାଙ୍କର ସଂପର୍କ ବହୁତ ପବିତ୍ର ଅଟେ । ନ୍ୟୁଜ୍ ଚ୍ୟାନେଲ୍‌ରେ ଦେଇଥିବା ଏହି ଇଣ୍ଟରଭ୍ୟୁରେ ଏତେ ଦିନ ଗାଏବ ରହିଥିବା ପ୍ରଶ୍ନରେ ହନିପ୍ରୀତ କହିଛି ଯେ ସେ କଣ **(ପୃଷ୍ଠା-୭)**

- ● ଶ୍ରେୟ ନେବାକୁ ପଞ୍ଜାବ-ହରିଆଣା ପୋଲିସର ଟଣାଓଟରା
- ● ମୋତେ ଓ ରାମ୍ ରହିମ୍‌ଙ୍କୁ ଫସାଇ ଦିଆଯାଇଛି : ହନିପ୍ରୀତ୍

ମାଲ୍ୟାଙ୍କୁ ଗିରଫ ପରେ ପୁଣି ଜାମିନ୍

ଲଣ୍ଡନ, ୩।୧୦: ବ୍ୟାଙ୍କରୁ ହଜାର କୋଟି ଟଙ୍କା ନେଇ ଲଣ୍ଡନ ପଳାୟନ କରିଥିବା ତଥା ପଳାତକ ଘୋଷିତ ମଦ ସମ୍ରାଟ ବିଜୟ ମାଲ୍ୟାକୁ ମଙ୍ଗଳବାର ଲଣ୍ଡନରେ ଗିରଫ କରାଯାଇଛି । ମାତ୍ର ଅଧା ଘଣ୍ଟାରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲରେ ମାଲ୍ୟା ଗିରଫ ହୋଇଥିଲେ ଏବଂ ସେଥର ମଧ ତିନି ଘଣ୍ଟା ପରେ ତାଙ୍କୁ ଜାମିନ ମିଳିଯାଇଥିଲା । ଉଲ୍ଲେଖଯୋଗ୍ୟ ଭାରତ ସରକାର ବିଜୟ ମାଲ୍ୟାଙ୍କ ପ୍ରତ୍ୟପର୍ଣ ପାଇଁ ପ୍ରୟାସ କରୁଛନ୍ତି । ଏହାକୁ ନେଇ କାନୁନ ମୁତାବକ କାର୍ଯ୍ୟ ଜାରି

ପ୍ରଦୀପ୍ତ ମହାପାତ୍ର ଗଣଶିକ୍ଷା ସଚିବ

ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ

- ▶ ନିରଞ୍ଜନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଦାୟିତ୍ୱ
- ▶ କେଶରୀ ମିଶ୍ରଙ୍କୁ ଓଡିଶା ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ
- ▶ ଜି. ଶ୍ରୀନିବାସଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୩।୧୦ (ସକାଳ ଖବର) : ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଏସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି । ବିଜ୍ଞପ୍ତି ଅନୁଯାୟୀ ଗୋପବନ୍ଧୁ ଏକାଡେମୀର ମହାନିର୍ଦ୍ଦେଶକ ସଂଗ୍ରାମ କେଶରୀ ମିଶ୍ରଙ୍କୁ ଓଡିଶା ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି । ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ , କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ଆହୁଜାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି ।

ଅନ୍ୟପକ୍ଷରେ ଶ୍ରମ ଓ ଇଏସଆଇ ବିଭାଗର ସଚିବ ଜି. ଶ୍ରୀନିବାସଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ କେନ୍ଦ୍ରୀୟ ଡେପୁଟେସରୁ ଫେରିଥିବା ଶ୍ରୀମତୀ ଅନୁ ଗର୍ଗଙ୍କୁ ଶ୍ରମ ଏବଂ ଇଏସଆଇ ବିଭାଗର ପ୍ରମୁଖ ଶାସନ ସଚିବ , ବାଣିଜ୍ୟ ଓ ପରିବାହନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ ରସ୍ତୋଗୀଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅନ୍ୟତମ ଓଏସଡି ଭାବେ ବଦଳି କରାଯାଇଛି । ଏହାସହ ଡ. ସୌରଭ ଗର୍ଗଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ , ନୂଆଦିଲ୍ଲୀ ସ୍ଥିତ ସ୍ପେଶାଲ ରେସିଡେନ୍ସିଆଲ କମିଶନର ନିକୁଂଜ ବିହାରୀ ଧଳଙ୍କୁ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ନିଯୁକ୍ତି ଦିଆଯାଇଛି । ଏହାସହ ଶ୍ରୀ ଧଳଙ୍କୁ ବିଜ୍ଞାନ ଏବଂ ବୈଷୟିକ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରାଙ୍କୁ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ଦାୟିତ୍ୱ , ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି ଯାଦବଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ , କଟକ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିରଂଜନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଓସଡମାର ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

ଶସ୍ତା ହେବ ପେଟ୍ରୋଲ ଓ ଡିଜେଲ ଦର

ନୂଆଦିଲ୍ଲୀ, ୩।୧୦: ପେଟ୍ରୋଲ ଓ ଡିଜେଲ ଲିଟର ପ୍ରତି ୨ଟଙ୍କା ବେସିକ୍ ଉତ୍ପାଦନ ଶୁଳ୍କ କମିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର-ବୁଧବାର ମଧ ରାତ୍ରରୁ ନୂତନ ଦର ଲାଗୁ ହେବ । ଉତ୍ପାଦନ ଶୁଳ୍କ ହ୍ରାସର ପ୍ରଭାବରେ ପେଟ୍ରୋଲ ଓ ଡିଜେଲ ପୂର୍ବ ତୁଳନାରେ ଶସ୍ତା ହେବଛ ସୂଚନାଯୋଗ୍ୟ ଗତ ଜୁନ ୧୬ରେ ପେଟ୍ରୋଲ ଓ ଡିଜେଲ ଦର ପ୍ରତିଦିନ ପରିବର୍ତ୍ତନ ହେଉଛି । ନୂତନ ନିୟମ ଲାଗୁ ହେବାକୁ ପୂରା ଦେଶରେ ଲୋକେ ନିନ୍ଦା କରୁଛନ୍ତି । କେନ୍ଦ୍ର ସରକାରଙ୍କ ନିୟମ ବିରୋଧରେ ଅନେକ ରାଜ୍ୟରେ ଆନ୍ଦୋଳନ ମଧ ହୋଇଛି । ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ କରାଯାଇଥିବା ବେସିକ ଉତ୍ପାଦନ ଶୁଳ୍କ ହ୍ରାସ କରିଛନ୍ତି ।

୧୫ ସୁଦ୍ଧା ମରୁଡ଼ି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ❑ ୧୧୪ଟି ବ୍ଲକ୍‌ରେ ସ୍ୱଳ୍ପ ବୃଷ୍ଟିପାତ
- ❑ ଜିଲ୍ଲାପାଳ ଏବଂ କୃଷି ବିଭାଗର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩।୧୦ (ସକାଳ ଖବର) : ରାଜ୍ୟରେ ଦେଖାଦେଇଥିବା ସାମ୍ପ୍ରତିକ ମରୁଡି ପରିସ୍ଥିତି ସମ୍ପର୍କିତ ରିପୋର୍ଟ ଆସନ୍ତା ୧୫ ତାରିଖ ମଧ୍ୟରେ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହି ରିପୋର୍ଟ ମିଳିବା ପରେ ମରୁଡି ପରିସ୍ଥିତିର ଆକଳନ ଅକ୍ଟୋବର ୩୦ ତାରିଖ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ନିର୍ଦ୍ଦେଶରେ କହିଛନ୍ତି । ସେହିପରି କମ୍ ବୃଷ୍ଟିପାତ ହୋଇଥିବା ଅଂଚଳରେ ଥିବା ଉଠା ଜଳସେଚନ ପଏଂଟ ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନାଲରେ ଜଳର ସୁପରିଚାଳନା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ବ୍ୟତୀତ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ ନିଯୁକ୍ତି ଯୋଜନାରେ ଯେପରି ଲୋକମାନେ ପର୍ଯ୍ୟାପ୍ତ କାମ ପାଇପାରିବେ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମଙ୍ଗଳବାର ଦିନ ସଚିବାଳୟ ଠାରେ ବୃଷ୍ଟିପାତ ଓ ଫସଲ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ । ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟରେ ୧୧୪୪.୩ ମିଲିମିଟର ସ୍ୱାଭାବିକ ବର୍ଷା ପରିମାଣ ରହିଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୦୨୮.୩ ମିଲିମିଟର ବର୍ଷା ହୋଇଛି । ଏହି ସମୟରେ ଗୋଟିଏ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୦ ଟି ଜିଲ୍ଲାରେ **(ପୃଷ୍ଠା-୭)**

ଦାବି ପୂରଣ ନହେଲେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ

ଭୁବନେଶ୍ୱର, ୩।୧୦ (ସକାଳ ଖବର) : ଯୁକ୍ତିଯୁକ୍ତ ଦାବି ଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ଅଙ୍ଗନବାଡୀ କର୍ମୀ ଓ ସହାୟକ ସଂଘ ପକ୍ଷରୁ କୁହାଯାଇଛି । ଏହି ଦାବିକୁ ସମର୍ଥନ ଜଣାଇ ରାଜଧାନୀର ଲୋୟର ପିଏମଜି ଛକ ଠାରେ ହଜାର ହଜାର କର୍ମୀ ଓ ସହାୟିକା ଧାରଣାରେ ବସି ରହିଛନ୍ତି । ଏହି ଧାରଣା ୨୨ ଦିନରେ ପହଂଚିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ଧାରଣାକାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି । ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମଝିରେ ସରକାରଙ୍କ ପ୍ରତିନିଧି ମାନେ ଆଲୋଚନା କରିବା ପାଇଁ ଦୁର୍ଗାପୂଜା ପୂର୍ବରୁ ଆସିଥିଲେ । ପୂଜା ପରେ ପୂର୍ଣ୍ଣାଙ୍ଗ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ଡକାଯାଇନାହିଁ ।

ସଂଘର ଦାବି ଗୁଡିକ ହେଲା ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦିଆଯାଉ , ସର୍ବନିମ୍ନ ପାରିଶ୍ରମିକ ୧୮ ହଜାର ଓ ସହାୟିକା ମାନଙ୍କୁ ୯ ହଜାର ଟଙ୍କା ଦେବା , କାର୍ଯ୍ୟରତ ଥିବା ବେଳେ ମୃତ୍ୟୁ ଘଟିଲେ ପରିବାରକୁ କ୍ଷତିପୂରଣ ଦେବା ଇତ୍ୟାଦି । ସରକାରଙ୍କର ୪୧ ଟି ସେବା କର୍ମୀ ଓ ସହାୟିକା ମାନେ କରୁଛନ୍ତି । ଶିଶୁମୃତ୍ୟୁହାର କମ୍ କରିବା , ଆଧାରକାର୍ଡ , ଭୋଟର ପରିଚୟ ପତ୍ର ଆଦିରେ ସେମାନଙ୍କର ଯୋଗଦାନ ରହିଛି ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୩.୧୦.୧୭)
୩,୨୮,୪୨୭

ପୋଲାଭରମ ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର, ୩।୧୦ (ସକାଳ ଖବର) : ପୋଲାଭରମ୍ ପ୍ରକଳ୍ପ ପ୍ରସଙ୍ଗରେ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ ଉକ୍ତ ପ୍ରକଳ୍ପ ହେବାକୁ ଥିବା ଅଂଚଳ ଆସି ସମୀକ୍ଷା କରିଛନ୍ତି । ଏହି ସମୟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟ ପରିର୍ଦନ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପର ଡିଜାଇନ୍‌କୁ ଓଡିଶା ସରକାର ବିରୋଧ କରୁଛନ୍ତି ।

ଏଟିର ସମ୍ପତି ହେବ ବାଜ୍ୟାପ୍ତି

ଭୁବନେଶ୍ୱର, ୩।୧୦ (ସକାଳ ଖବର) : ଚିଟଫଣ୍ଡ ସଂସ୍ଥା ଅର୍ଥ ତତ୍ୱର ସମ୍ପତି ବାଜ୍ୟାପ୍ତି କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ସଂସ୍ଥାର ୧୨.୬ କୋଟି ଟଙ୍କାର ସମ୍ପତି ବାଜ୍ୟାପ୍ତି କରାଯିବ । ଏଥି ମଧ୍ୟରେ ଭୁବନେଶ୍ୱରରେ ଥିବା ଫ୍ଲାଟ୍ , ୪ ଏକର ଜମି , ବାଲେଶ୍ୱରରେ ଥିବା ୨.୪ ଏକର ଜମି ଅନ୍ତର୍ଭୁକ୍ତ।

ଧରାପଡ଼ିଲେ ୬ ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗ

କୋରେଇ , ୦୩ ଅକ୍ଟୋବର (ହି.ସ.)- ଯାଜପୁର ପୁଲିସକୁ ଏକ ବଡଧରଣର ସଫଳତା ମିଳିଛି । ଘଟଣାଘଟିବା ପୂର୍ବରୁ ୬ ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଯାଜପୁରରୋଡ ପୁଲିସ ଧରିବାକୁ ସକ୍ଷମ ହୋଇଛି । ସେମାନଙ୍କ ନିକଟରୁ ୪ଟି ବନ୍ଧୁକ, ୭ ମାଉଜର, ୮୦ଟି ଜୀବନ୍ତ ଗୁଳି, ୬ ମୋବାଇଲ, ସେମାନେ ବ୍ୟବହୃତ କରୁଥିବା ଗୋଟିଏ ବଲେରୋ ଓ ଏକ ଇଣ୍ଡିକାକୁ ଜବତ କରିଛି । ଉକ୍ତ ଘଟଣାରେ ଯାଜପୁର ରୋଡ଼ ଥାନା କେଶ ନମ୍ବର ୩୧୬ /୨୦୧୭ ଦଫା- ୩୯୯/୪୦୨/୨୫/୨୭ ଆର୍ମସ ଆକ୍ଟରେ ଗିରଫ କରାଯାଇଛି ବୋଲି କେନ୍ଦ୍ରାଚଳ ଆଇଜି ସୌମେନ୍ଦ୍ର ପ୍ରୀୟଦର୍ଶୀ ଓ ଯାଜପୁର ଏସପି ଚରଣ ସିଂ ମୀନା ଆଜି ସାମ୍ବାଦିକ ସମ୍ମିଳନୀରେ ସୁଚନା ପ୍ରଦାନ କରିଛନ୍ତି।

୪ ବନ୍ଧୁକ, ୭ ମାଗାଜିନ, ୮୦ ଜୀବନ୍ତ ଗୁଳି,୬ ମୋବାଇଲ, ୨ ଗାଡି ଜବତ

ସୋମବାର ରାତି ଗୋଟାଏ ବେଳେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ମିଲିଟାରି ଛକର ନୂଆ ବାଇପାସ ରୋଡ଼ ନିକଟରେ ଥିବା ଏକ ନିକାଂଚନ ସ୍ଥାନରେ ବସି ଏକ ବଡ଼ଧରଣର ଡ଼କାୟତି ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାଜପୁର ରୋଡ଼ ଥାନା ଅଧିକାରୀ ଶିଶିର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଚଢାଇ କରିବା ପରେ ତିନି ଜଣ ଝାଡ଼ଖଣ୍ଡ ଡ଼କାୟତଙ୍କ ସହିତ ଓଡ଼ିଶାର ତିନିଜଣ ଡ଼କାୟତଙ୍କୁ ଧରିବାରେ ସଫଳ ହେବା ସହିତ ଗୋଟିଏ ଟାଟା ଇଣ୍ଡିଗୋ କାର(ଓଡ଼ି- ୧୪-୦୨୦୯) ଗୋଟିଏ **(ପୃଷ୍ଠା-୭)**

ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବିଧାୟକ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର, ୩।୧୦ (ସକାଳ ଖବର) : ସିସୋର ଚିଟଫଣ୍ଡ ସଂସ୍ଥା ସହ ଲିଙ୍କ୍ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ବିଜେଡି ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଏହି ଆବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ୨ ଥର ତାଙ୍କ ଜାମିନ୍ ଆବେଦନ ଖାରଜ ହୋଇସାରିଛି । ପ୍ରଥମେ ସିବିଆଇ କୋର୍ଟ ଏବଂ ପରେ ଭୁବନେଶ୍ୱର ଜିଲ୍ଲା ଦୌରା ଜଜ୍ କୋର୍ଟ ଏହି ଆବେଦନକୁ ଖାରଜ କରିଥିଲେ ।

þæÿ¿¯ÿÀÿ ¨™æÿþ¦êZÿ 'ÿæÀÿæ Lÿ{ƒæÀÿêvÿæ{Àÿ {Óàÿ FÓ¨ß D'ÿWæs†ÿ

Steel Authority of India Limited
Steel Processing Unit, SAIL
Inaugurated by
Shri Narendra Modi
Prime Minister

¨æBQæÿæ æÿþæ~{Àÿ Aæÿßþ†ÿ†ÿæ Aµÿ{¾æS

æÿ¯ÿêcæÿ ÓÀÿLÿæÀÿ Lÿ$æ{Àÿ_æÿ{Üÿ, Lÿæþ{Àÿ ¯ÿÉæÓ Lÿ{Àÿ: ¯ÿ{ƒxÿ

22 xÿFÓ¨Zÿ A†ÿÀÿNÿ FÓ¨ µÿæ{¯ÿ ¨{'ÿæŸ†ÿ

¯ÿµÿŸ 'ÿæ¯ÿ {æÿB ÀÿæÖæ{ÀÿæLÿ

A{sæ AsLÿæB àÿS

{xÿèÿ{ÀÿæSêZÿ ÓóÓ¿æ ¯ÿ•

¯ÿ{ƒxÿÀÿ ƒæÿ Ó¸Lÿ ¨'ÿ¾æ†ÿæ

¯ÿ™ÿ þÿæÿ{Zÿ ¨Ó{ÀÿæÿøS ¯ÿ\ÿæ¾æS

†ÿæÿ{¯ÿÿÀÿ{Àÿ ¯ÿ{ƒxÿÀÿ ¨'ÿ¾æ†ÿæ

ଜନସମ୍ପର୍କ ପଦଯାତ୍ରା
୨ ଅକ୍ଟୋବର ରୁ ୧୧ ଅକ୍ଟୋବର ୨୦୧୭
ନଗର ବିଜୁ ଜନତା ଦଳ, ତାଳଚେର

Üÿ¯ÿÌ¿æÿ {¾æfæÿæÿ ¨ÉÓæÿ ¨Óÿ `ÿxÿæ;ÿ ¨¾¿ß{Àÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæÿ þàÿLÿ